
# କ୍ଷିତିଜ୍ୟୋତିଃ ଶାନ୍ତିଯଜ୍ଞ



ଓଁ

# କ୍ଷିତିଜ୍ୟୋତିଃ ଶାନ୍ତିଯଜ୍ଞ

# ଓ

# ସତ୍‌ସଂଗ ମହୋତ୍ସବ

ଶକାବ୍ଦ ୧୯୩୩, ୧୪୧୮ ସାଲ, ମେଷ ୩୦ଦିନ, ବୈଶାଖ ୨୩ଦିନ, ଶୁକ୍ରବାର, ବୈଶାଖ ଶୁକ୍ଳପକ୍ଷ, ଦଶମୀ/ଏକାଦଶୀତିଥି ଠାରୁ ବୃଷ ୩ଦିନ, ବୈଶାଖ ୨୭ଦିନ, ମଙ୍ଗଳବାର, ଚନ୍ଦନ / ବୁଦ୍ଧ/ ମଙ୍ଗଳ ପୂର୍ଣ୍ଣିମା ପର୍ଯ୍ୟନ୍ତ ।। ଇଂରାଜୀ ମତେ ୨୦୧୧ ମସିହା, ମେ ମାସ, **୧୩ ତାରିଖ ଠାରୁ ତା ୧୭ରିଖ ପର୍ଯ୍ୟନ୍ତ ।।**

---

**ସ୍ଥାନ : ଉଲଦିଆ, ଅନନ୍ତଗୋପାଳ ଆଶ୍ରମ, ମାହାଙ୍ଗା, ଜି : କଟକ, ଓଡ଼ିଶା**

---

ଓଁ

'ନମସ୍ତେ ପ୍ରଭୁପାଦାୟ
ସୁକାନ୍ତି ତନୟାୟଚ୍ ।
ଯଦୁନାଥ ନନ୍ଦନାୟ
କେଶବାୟ ନମୋନମଃ ।।
**ନମୋ ଚରମନାଥାୟ**
**ନମଶ୍ଚରମ ପତୟେ ।**
ନମୋ ଚରମ ପିତାୟ
ଚରମାୟ ନମୋନମଃ ।।''

❋

'ସ୍ମୃତି ସ୍ମାର୍ତ୍ତାନାଂ ବିଷ୍ଣୁଃ ବୈଷ୍ଣବାନାଂ
ଭକ୍ତି ଭକ୍ତାନାଂ ବିସ୍ମୃତି ବିସ୍ମୃତାନାମ୍ ।
ଆର୍ତ୍ତ ଆର୍ତ୍ତିନାଂ ଚେତନ ଶ୍ଚେତନାନାଂ
ଏକୋ ବହୂନାଂ ଅନ୍ତର୍ବହିରବସ୍ଥିତମ୍ ।।'

❋

'ଶୃଣନ୍ତି ଗୃଣନ୍ତି ଗାୟନ୍ତି ଯେ ସଦା
ସ୍ମରନ୍ତି ନନ୍ଦନ୍ତି ତବ ନାମ ଜନାଃ ।
ତେ ପଶ୍ୟନ୍ତି ଅଚିରେଣେନ ତେଷାଂ
ଭବ ପ୍ରବାହ ଚରମପଦାମ୍ବୁଜମ୍ ।।'

❋

ହେ ପ୍ରଭୁ ଯଦୁନନ୍ଦନ ଅଥୟ ହେଉଛି ମନ
କରୁଣା କଲ୍ୟାଣ କରୁଥିବ ।
ଡାକୁଛି ମୁଁ ହୃଦଖୋଲି ଶ୍ରୀପାଦେ ନଦେବ ଠେଲି
ପାଦଧ୍ୟାୟି ଜୀବ ମୋ'ର ଯିବ ।।''

*- କେଶବ ଦାସ*

❋

ଓଁ ବିଶ୍ୱଗୁରୁ ପରମାତ୍ମନେ ନମଃ !!!

'ସତ୍ୟ କୁହ, ପ୍ରିୟ କୁହ, ନକୁହ ସତ୍ୟଅପ୍ରିୟ,
ପ୍ରିୟମିଥ୍ୟା ବିଷ ତୁଲ୍ୟ ସବୁକାଳେ ବର୍ଜନୀୟ....
ମିଥ୍ୟା ହେଉ ପଛେ ପ୍ରିୟ,
ନୁହଇ ସେ କେବେ ବି ଗ୍ରହଣୀୟ ।।'

ବୈବସ୍ୱତ ମନୁଙ୍କର ୭୧ ଗୋଟି ଚତୁର୍ଯୁଗ ମଧ୍ୟରୁ ୨୭ଟି ଚତୁର୍ଯୁଗ ଭୋଗ ହୋଇସରିଛି । ବର୍ତ୍ତମାନ ତାଙ୍କର ୨୮ ଗଣ୍ଡା ଯୁଗ ଭୋଗ ହେଉଛି । ଏହି ୨୮ତମ ଚତୁର୍ଯୁଗ ମଧ୍ୟରୁ ସତ୍ୟ, ତ୍ରେତା ଓ ଦ୍ୱାପର ଭୋଗ ଶେଷ ହୋଇ କଳିଯୁଗର ୫୧୧୧ ବର୍ଷ ଭୋଗ ହେବାପରେ କଳିଯୁଗାବ୍ଦ ୫୧୧୨ ଭୋଗ ହେବାକୁ ଯାଉଛି । ବୈବସ୍ୱତ ମନୁଙ୍କର ୨୮ତମ ଦ୍ୱାପର ଯୁଗରେ କୃଷ୍ଣବଳରାମ ଯେଉଁ ପୀଠରେ ଯେଉଁ ଅଲଭ୍ୟ ଲୀଳା କରିଥିଲେ ତାହାର ସଂକେତ ମହାପୁରୁଷ ଅଚ୍ୟୁତାନନ୍ଦଙ୍କର 'ମାଳିକା ଠାର ବିଚାର' ନାମକ ଏକ ଦୁର୍ଲଭ ଗ୍ରନ୍ଥରେ ଲିପିବଦ୍ଧ ହୋଇଛି । ଏହି ଠାର ର ବିଚାର ସମାଧିସ୍ତରର ବାର ସୋପାନ ଅତିକ୍ରମ କରିଥିବା ସିଦ୍ଧ ଯୋଗୀ କେବଳ କରି ପାରିବେ ବୋଲି ମହାପୁରୁଷ ସ୍ପଷ୍ଟ ଭାବରେ ପ୍ରିୟ ଶିଷ୍ୟ ରାମଙ୍କୁ କହି ଯାଇଛନ୍ତି ।

‘ରାମରେ, ଏକଥା ରଖିଥା ମନେ,
କେବେ ନକହିବୁ କାନରେ ଅନ୍ୟେ ।
ମାଳିକା ବିଚାର ମାଳିକା ଠାର,
ସେହି ବୁଝିବ ଯେ ଟପିଛି ବାର ।
ସମାଧି ସ୍ତରର ବାର ସୋପାନ,
ଟପିଲେ ଜାଣିବ କରିଲେ ଧ୍ୟାନ ।
ମାଳିକା ଠାର ବିଚାର ଏ ପୋଥି,
ଜାଣି ନ ପାରିବ ମୂଢ଼ ଯା’ ମତି ।
ସାଇତି ଯାଇଛି ବଲ୍ମୀକ ଗୃହେ,
କେବେ ପଢ଼ିବୁନି ଏ ପୋଥି ମୋହେ ।
ଏ ପୋଥି ଯାହାକୁ ହେବ ପ୍ରାପତ,
ତା’ ନାମ ଗୋଟି ରଖିବୁ ଗୁପତ ।
ସପତ ବ୍ରହ୍ମାଣ୍ଡ ଆସିବୁ ବୁଲି,
ସବୁଠି ଦେଖିବୁ ପଶ୍ଚିମା ଚୁଲି ।
ଯେଉଁଠି ଚୁଲି ଥିବ ପୂର୍ବ ମୁଖା,
ସେଇଠି ତା’ ସାଥେ ହୋଇବ ଦେଖା ।
ତା’କୁ ଚିହ୍ନିବୁ ତା’ ପାଦକୁ ଦେଖି,
ସେ ଥିବ ଶ୍ରୀପାଦପଦ୍ମ ନିରେଖି ।
ଅନେକ ବିଚାର ଅଛି ଏଠାରେ,
ଗୋଟିଏ କହୁଛି ତହୁଁ ଏଠାରେ ।’

ସେହି ସୁଦୁର୍ଲଭ ପୋଥି ‘ମାଳିକା ଠାର ବିଚାର’ର ସମସ୍ତ ତରଙ୍ଗରେ ମହାପୁରୁଷ ଅଚ୍ୟୁତାନନ୍ଦ ଲେଖିଛନ୍ତି :-

‘ରତୁ ସସ୍ର ପରେ ଫଳ ଶତ ଯୋଖ
ଏଥିରୁ ବରଷ ସଂଖ୍ୟା ଗୋଟି ଦେଖ ॥
କୃଷ୍ଣ ବଳରାମ ତେବେ କରିଥିଲେ
ଲୀଳା ଗୋଟି ସେହି ଗହଳ ଜଙ୍ଗଲେ ॥

ହିସାବ ଖୋଜିବା ଯୋଗୀ ଅଙ୍କ କଷି
ପାଇବ ସେ କାଳ ଧ୍ୟାନ ଯୋଗେ ବସି ॥
ଶ୍ୱେତବରାହ କଳପ ସାତ ମନୁ
ଦୁଇ ଆଠ ଗଣ୍ଡାଯୁଗ ଭୋଗ ଘେନୁ ॥
କଳି ଭୋଗ ଶେଷ ପାଞ୍ଚ ଏକ ତିନି
ତା'ପର ବରଷେ କାଳଥିବ ଘେନି ॥
ସେ କାଳେ ଏକାଳ କହୁଅଛି ଠାରି
ଜାଣୁଥିବୁ ରାମ ଗୁପତ ଏ ଭାରି ॥'

ଏହାର ଅର୍ଥ ପ୍ରିୟଶିଷ୍ୟ ରାମଦାସଙ୍କୁ ବୁଝାଇବାକୁ ଯାଇ ମହାପୁରୁଷ କହୁଛନ୍ତି ଯେ, ଋତୁ ଅର୍ଥାତ୍ ଛଅ, ସସ୍ର ଅର୍ଥାତ୍ ସହସ୍ର ବା ହଜାର, ଫଳ ଅର୍ଥାତ୍ ସୁଖ ଓ ଦୁଃଖ ଦୁଇଫଳ, ଶତ ଅର୍ଥାତ୍ ଶହ (୧୦୦); ତେଣୁ ଛଅ ହଜାର ଦୁଇଶହ (୬୨୦୦) ବର୍ଷ ପୂର୍ବେ, ତ୍ରେତା ଯୁଗ ପରେ ଦ୍ୱାପର ଯୁଗରେ କୃଷ୍ଣ ଓ ବଳରାମ ଗୋଟିଏ ଘଞ୍ଚ ଜଙ୍ଗଲରେ ଲୀଳା କରିଥିଲେ । ଏହି ୬୨୦୦ ବର୍ଷକୁ ଜାଣିବା ପାଇଁ ମହାପୁରୁଷ ଅଚ୍ୟୁତ କହୁଛନ୍ତି - ଶ୍ୱେତ ବରାହ କଳ୍ପ ର ସପ୍ତମ ମନୁ ଅର୍ଥାତ୍ ବୈବସ୍ୱତ ମନୁଙ୍କ ୨୮ତମ ଗଣ୍ଡାଯୁଗ ଭୋଗର କଳିଯୁଗ ପାଞ୍ଚ ଏକ ତିନି ଅର୍ଥାତ୍ (୫୧୧୧ବର୍ଷ)ରେ ହିସାବ କଷିଲେ ୬୨୦୦ ବର୍ଷ ପୂର୍ବେ ସେ ଲୀଳା ଖେଳା ହୋଇଥିଲା । ଅର୍ଥାତ୍ ଦ୍ୱାପର ଯୁଗ ଶେଷ ହେବାକୁ ଆଉ ମାତ୍ର ଏକ ହଜାର ଅଣାନବେ ବର୍ଷ ବାକିଥିଲା । ଏ ଲୀଳାର ୧୦୮୯ ବର୍ଷ ଅନ୍ତେ କଳି ପ୍ରବେଶ କଲା ।

ଅଚ୍ୟୁତ ମହାପୁରୁଷଙ୍କର ବର୍ଣ୍ଣନା ଅନୁସାରେ -

'କୃଷ୍ଣ ଗୋପାଳ ଏଠାରେ ଲୀଳା ଆଚରିଲା
ଶେଷଦେବ ଅନନ୍ତ ଯେ ତା' ପାଶରେ ଥିଲା ॥
ତେଣୁ ଏ ପୀଠର ନାମ ଅନନ୍ତ ଗୋପାଳ
କଳିରେ ଭଗତେ ଏଥି ହେଉଥିବେ ଭୋଳ ॥
ଆଦ୍ୟ କଳି କାଳେ ଏଥି ଥିଲେ ଜଣେ ସାଧୁ
ପାଦରୁ ତାଙ୍କର ଝରି ପଡୁଥିଲା ମଧୁ ॥

ମଧୁଶ୍ରାବୀ ନାମ ତେଣୁ ସେହୁ ବୋଲାଇଲେ
ସତୀ ସାଧ୍ୱୀ ପତ୍ନୀତାଙ୍କ ସେବା କରୁଥିଲେ ।।
କାଳବଳେ ଜଣେ ବିଷ୍ଣୁ ଭକ୍ତ ଭେଟହେଲେ
ସାଧୁଙ୍କ ପତ୍ନୀଙ୍କୁ ଧରି ସେହୁ ପଳାଇଲେ ।।
ହରିନେଲେ ଯେଉଁ ଭକ୍ତ ସେ ହେଲେ ପତିତ
ଅତୀତ କଥା ଏଠାରେ ହୋଇଲା ଅତୀତ ।।
ପୀଠର ମହିମା ରାମ ହୋଇବ ପ୍ରକାଶ ।
କାଳବଳେ ପ୍ରଚରିବ ମରୁତ ଆକାଶ ।।
ଅନନ୍ତ ଗୋପାଳ ପୀଠ ବହିବ ଯେ ନାମ
ଅନନ୍ତ ସହିତ ପୁଣି ଗୋପାଳ ଆଶ୍ରମ ।।'

କାଳ, ମହାକାଳ, କାଳଚକ୍ରର ଆଜ୍ଞାକୁ ଅବଜ୍ଞା କରିବାର ଶକ୍ତି ପୁଣି କାହାର ଅଛି ? ମହାପୁରୁଷ ଅଚ୍ୟୁତ ସେହି ମହାକାଳଙ୍କର କାଳଚକ୍ରର ଆଜ୍ଞାକୁ ସମ୍ମାନ ଜଣାଇ ତାଙ୍କ ରଚିତ ପୋଥିରେ 'ଅନନ୍ତ ଗୋପାଳ ଆଶ୍ରମ'ର ମହିମା ପ୍ରଚାରରେ ପ୍ରମୁଖ ଭୂମିକା ଗ୍ରହଣ କରିଅଛନ୍ତି । ସେହି ପୀଠର ମହିମା ପ୍ରକାଶ କରି ଆଜକୁ ବହୁବର୍ଷ ପୂର୍ବେ ସେଠାରେ ଥିବା ବାଉଁଶଝାଡ଼ରୁ ଗୋଟିଏ ବାଉଁଶକଟା ଯାଇଥିଲା । ସେହି ନିର୍ଦ୍ଦିଷ୍ଟ ବାଉଁଶ ମୂଳିରୁ କ୍ଷୀର ସ୍ରବି ଥିଲା । ସେ ଅଞ୍ଚଳବାସୀ ଏହା ପ୍ରତ୍ୟକ୍ଷରେ ଦେଖିଥିଲେ । ଆହୁରି ମଧ୍ୟ ଦେଖିଥିଲେ ଯେ, ମାଳ ମାଳ ସର୍ପ ସେଠାରେ ଦିନରାତି ବୁଲୁଥିଲେ । ପୀଠର ମହିମା ମହତ୍ତ୍ୱ ପ୍ରଚାର ପ୍ରସାର ନିମନ୍ତେ ଏହା କାଳଚକ୍ରର ଖେଳମାତ୍ର ଥିଲା । ତା'ହୋଇ ନଥିଲେ କଳିକାଳର କଳିହତ ସନ୍ଦେହୀ ଜୀବମାନେ ଧର୍ମର ମହାତ୍ମ୍ୟ ଓ ଆଧ୍ୟାତ୍ମିକତା ଉପରେ କ୍ଷୀଣତମ ବିଶ୍ୱାସ ମଧ୍ୟ ରଖିବାକୁ ସମର୍ଥ ହୋଇପାରନ୍ତେ ନାହିଁ ।

ପୁନଶ୍ଚ ଶିଷ୍ୟ ରାମ ଗୁରୁ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ଛାମୁରେ ଏହି ପୀଠର ମହିମା ପୁଣି କିପରି ବିସ୍ତାର ଲାଭ କରିବ ସେ ସମ୍ବନ୍ଧରେ ପ୍ରଶ୍ନ ପଚାରିଲେ -

'ହେ ଗୁରୁ ! ଆନନ୍ଦ କନ୍ଦ ବୁଝାଇ
ପୀଠର ମହିମା ଦିଅହେ କହି ।।
କେମନ୍ତ ମହିମା ବିସ୍ତାର ହେବ
କିଏ ସେ ଏଡ଼େ କରମ କରିବ ।।'

ଶିଷ୍ୟ ରାମଙ୍କ **ପ୍ରଶ୍ନରେ ଅତୀବ ପ୍ରୀତ ହୋଇ** ମହାପୁରୁଷ ବୋଲୁଛନ୍ତି -

**'ଅତି ଗୁମର ଏ ଗହନ ବାକ୍ୟ**
**ଜାଣିବ କେ ରାମ ! କାହାର ଶକ୍ୟ ।।**
**ଊନବିଂଶ ତିନିତିନି ଶକାବ୍ଦ**
ଉଠିବ ରୋଳ ଶୁଭିଯିବ ଶବ୍ଦ ।।
ଏକଚାରି ଏକ ଆଠ ଶାଲରେ
ମେଷ ତିନି ଶୂନ ଯେଉଁ ଦିନରେ ।।
ବାର ଦେବଗୁରୁ ତିଥି ଦଶମୀ
ଅନ୍ତେ ଏକାଦଶୀ ଥିବଟି ପୁଣି ।।
ଶୁଭ ଅଧିବାସ ଯାତ୍ରା କଳସ
ଅଙ୍କୁରାରୋପଣ ହେବଟି ଶେଷ ।।
**ତହିଁ ଆର ଦିନ ଅଗ୍ନ୍ୟାଧିବାସ**
**କେତନ ଉଡ଼ିବ ଝଳି ଆକାଶ ।।**
**ସତସଙ୍ଗ ହେବ ଭକତ ମେଳା**
ହୁଡ଼ିଲେ ଜାଣିଥା ବୁଡ଼ିବ ଭେଳା ।।
ଚନ୍ଦନ ବୁଦ୍ଧ ମଙ୍ଗଳ ପୂନେଇଁ
ପୂର୍ଣ୍ଣାହୁତି ହେବ ସେହି ଦିନହିଁ ।।
ସବୁ ବିଧିମତ ବୈଦିକ ହେବ
କର୍ତ୍ତା ଅକର୍ତ୍ତା ହୋଇବ କେଶବ ।।'

ଭକ୍ତ ଶିଷ୍ୟ ରାମ ଦାସଙ୍କୁ ସ୍ମରଣ କରାଇ ଦେଇ ମହାପୁରୁଷ ପୁଣିଥରେ ତାଙ୍କ ପୋଥିର ଏକାଦଶ ତରଙ୍ଗରେ ବଖାଣି ଅଛନ୍ତି :-

'କଳି ଭୋଗ ପାଞ୍ଚ ସହସ୍ର ଅନ୍ତେ
ଏକଶ'ଏଗାର ଭୋଗ ହୁଅନ୍ତେ ।।
ଷଡ଼ମାସ ତ୍ରୟୋଦଶ ଦିବସେ
ଦେବ ଗୁରୁ ବାର ଆସି ପ୍ରବେଶେ ।।

**ଜଳଘଟ ଆବାହନ କରିବ**
**ପୀଠେ ଥାପି ଭକତିରେ ପୂଜିବ ॥**
**ପ୍ରଥମ ମାସ ଶୁକ୍ଳ ଏକାଦଶୀ**
ଏଗାର ନକ୍ଷତ୍ର ଶେଷରେ ଆସି ॥
ବାଆର ପଶିବ ବଡ଼ ଶୁଭରେ
ଘଟ ଉଠାଇବ ଭକତି ଭରେ ॥
ଚନ୍ଦ୍ର ଭୋଗୁଥିବ ପଞ୍ଚମ ରାଶୀ
ସୂର୍ଯ୍ୟଥିବ ଏକ ସ୍ଥାନରେ ବସି ॥
ଏହି ପୁଣ୍ୟ ଲଗ୍ନ ଜାଣିଥା ରାମ
ଆରମ୍ଭ କରିବ ବାଞ୍ଛିତ କାମ ।
କେଶବ ଜଗିଛି ସେହିଟି ଲଗ୍ନ ।
**ବଚନ ଦେଇଛି ନୋହିବ ଭଗ୍ନ ॥'**

**ପୁଣି....**

**'ସମ୍ବତ୍ସର ନାମ ଯେବେ ହୋଇଥିବ 'କ୍ରୋଧି'**
**ମଣ୍ଡଳଟି ଜାଣ ବାବୁ 'ବରଣ' ସମ୍ବୋଧି ॥**
ନାଗ ଯେ 'କୁଳିକ' ନାଗପତ୍ନୀଟି 'ଶଙ୍ଖିନୀ'
ବିଷ୍ଣୁ ବୋଲାଉ ଥିବେ 'କେଶବ' ନାମ ପୁଣି ॥
ଇନ୍ଦ୍ର ଐରାବତ' ଯେ ଗନ୍ଧର୍ବ 'ଚିତ୍ର ସେନ'
ଏମନ୍ତ ଯୋଗରେ ଯଜ୍ଞ ଭିଆଇବ ପୁଣ ॥'
'ନିଜ ଭାବ ରଖିଥିବୁ ସାଇତି ତୋ' ଠାର
ଅଭାବରେ ସଢିବୁନି ବାବୁ ରାମ ମୋ'ର ॥
ସେ ବେଳେ 'କେଶବ' ନାମ ଧରି ବିଷ୍ଣୁ ନିଜେ
ଗୋପନରେ ଲୀଳା ରଚୁଥିବେ ହୋଇ ବିଜେ ॥
ଭକତ ମନ୍ଦିରେ ଦେଖୁଥିବେଟି ନେତ୍ରରେ
ବିଜେ ହୋଇଥିବେ ଜାଣ କୈବଲ୍ୟ କ୍ଷେତ୍ରରେ ॥

ସେ କ୍ଷେତ୍ରର ଅଗ୍ନିକୋଣେ ହେବ ଯଜ୍ଞ ଗୋଟି
ଭଗତେ ଅଷ୍ଟଦିଗରୁ ଆସୁଥିବେ ଛୁଟି ॥
ଶୂନ୍ୟ ମଣ୍ଡଳରୁ ଅନୁକୋଟି ଦେବ ଦେବୀ
ବରଷିବେ ଆଶୀର୍ବାଦ ଧାରା ଅନୁଭବି ॥
ଏ ଯାଗର ମହିମା ଯେ ଯୁଗର ବାରତା
ଜାଣିବେ ସୂକ୍ଷ୍ମରେ ଯୋଗୀ ଯୋଗର କରତା ॥'

'ମାଳିକା ଠାର ବିଚାର' ପୋଥିର ସପ୍ତଦଶ ତରଙ୍ଗରେ ମହାପୁରୁଷ ଅଚ୍ୟୁତାନନ୍ଦ କଳିରେ ଭକ୍ତ ଭଗବାନ, ଗୁରୁଶିଷ୍ୟଙ୍କର ଆଚରଣ ସଂପର୍କରେ ରାମଦାସଙ୍କୁ ବୁଝାଇ କହୁଛନ୍ତି-

'ଭଲାକଥା ରାମ ଦେଲୁ ପଚାରି ।
ଉତ୍ତର ଦେବି ବ୍ରହ୍ମଙ୍କୁ ବିଚାରି ॥

x x x

ନିର୍ବିକଳ୍ପ ସମାଧି ଯୋଗେ ବସି ।
ପରଂ ବ୍ରହ୍ମ ଠାରେ ମନ ନିବେଶି ॥
ପୁଚ୍ଛା କଲି ଯେବେ ଏ ପ୍ରଶ୍ନ ଗୋଟି ।
ବ୍ରହ୍ମ ପ୍ରକାଶିଲେ ଉତ୍ତର ରଚି ॥

x x x

କହୁଅଛି ରାମ ତୋ' କାନେ କଥା
ସାଇତି ରଖିଥା ଉର୍ବରା ମଥା ॥
କାହାକାନେ କେବେ କହିବୁ ନାହିଁ
ଯାହା ବତାଇଲେ ସେ କାଳେ ସାଇଁ ॥
ଆଗ୍ୟାଂ ଦେଲେ ବ୍ରହ୍ମ ମୋ ପୁଚ୍ଛା ଶୁଣି
କହୁଛି ତୋ' ଆଗେ ତାହା ବଖାଣି ॥

ଥୋକେ ମାଡି ଥିବେ କପଟାଚାରେ
ଭେକ ଧରିଥିବେ ଛଳ ଆଚାରେ ॥
କାମଲୋଭ ଗ୍ରାସିଥିବ ଟି ମନ
ଆଖିଥିବ ଲୁଟି ନେବାକୁ ଧନ ॥
ଗୁରୁଧନ ଲୁଟି ନେବେ ଦିନରେ
ଦକା ନଥିବ ଟି ତାଙ୍କ ମନରେ ॥
ଧନ ନେଇ ଗୁରୁସେବା କରିବେ
ଅକାଳେ ବିପଦେ ତହୁଁ ଘାରିବେ ॥
ପଦପଦବୀକୁ କରିବେ ଲୋଭ
ନୋହିଲେ କନ୍ଦଳ ତହୁଁ ଉଭବ ॥
ଗୁରୁକ୍ଷେତ୍ରେ ବାଦ ବିବାଦ ଭେଇ
ଜଞ୍ଜାଳ ନିଆଁରେ ପଡ଼ିବେ ସେହି ॥
ତତ୍ତ୍ୱଜ୍ଞାନୀ ଅହଂକାର ବହିବେ
ନବୁଝି ନଶୁଝି ତତ୍ତ୍ୱ କହିବେ ॥

ମଞ୍ଚରେ ବସିବେ ଫୁଲେଇ ଛାତି
ପ୍ରବଚନ ଦେବେ ରାତି କି ରାତି ।
ଗୀତଗାଇ ହାତ ମୁଣ୍ଡ ହଲେଇ
ଭଗତଜନଙ୍କୁ ଦେବେ ସେ ମୋହି ।।
ପ୍ରେମ ଭଗତିର ସୀମା ନ ମାଡ଼ି
ତତ୍ତ୍ୱ ପାହାଡ଼କୁ ଦେବେ ଉପାଡ଼ି ।।
ଭଗତେ ଚିହ୍ନିବେ ତାଙ୍କରି ନାଡ଼ି
ବିଷଦାନ୍ତ ତାଙ୍କ ଦେବେରେ ଝାଡ଼ି ।।
ଦେଖୁଥିବୁ ରାମ ଦୂରରେ ରହି
ମନରେ ବିଦ୍ୱେଷ ତିଳେ ନ ବହି ।।
ଏତ କଳିକାଳ ଗୁମର କଥା
ଦେଖିଲେ ଶୁଣିଲେ ଘୂରିବ ମଥା ।।
ବିଷ୍ଣୁ ଆସିଥିବେ କେଶବ ନାମ
ଆଜ୍ଞା ଦେଲେ ମୋତେ ସେ ପରବ୍ରହ୍ମ ।।
କାଳ ଯୋଗ ଦେଖି ନେବେ ପରଖି
ଭଗତ କୁଳକୁ ପାଦରେ ରଖି ।।
ଅହଂକାର କା'ର ରହିବ ନାଇଁ
ଆଜ୍ଞା ଦେଇଛନ୍ତି ତ୍ରିଲୋକ ସାଇଁ ।।
ଭଗତଜନ ପୂଜା ନ ପାଇବେ
ଦର୍ପୀ ଅହଂକାରୀ ସବୁ ଖାଇବେ ।।
ଭେକ ଧରି ଭେକ ଛାଡ଼ିବେ ରଡ଼ି
କାଳଚକ୍ର ହାତେ ପଡ଼ିବେ ଗଡ଼ି ।।
ଆସୁଅଛି କାଳ ଚକ୍ର କରାଳ
ଶବ ପଡ଼ିଥିବେ ମାଳକୁ ମାଳ ।।
ଜନ୍ମ ମୃତ୍ୟୁ ଚକ୍ରେ ହୋଇବେ ପେଶି
କାମିନୀ କାଞ୍ଚନ ରସରେ ରସି ।।
ଧନ ଦଉଲତ ଲୋଭରେ ମାତି
କାଞ୍ଚନ ମୁଠେଇ ପାହିବେ ରାତି ।।
କଳି କାଳର ଏ ଗୁମର ବାବୁ
ଭାବର ଅଭାବ କରିବ କାବୁ ।।
ଭାବ ନଥାଇ ପାଇବ କେଶବ
ଏତ ବଡ଼ଇ ବାବୁ ଅସମ୍ଭବ ।।
ଭାବର ଅଭାବେ ବୁଡ଼ିବ ନାବ
ସେ ବେଳେ କିଏ ସେ ଦେବରେ ଠାବ ।।

x x x

ଠାଏ ଠାଏ ବସି ଥୋକେ ମନ୍ତ୍ରଣା କରିବେ ।
ଗୁରୁବରି ଗୁରୁଙ୍କୁ ସେ ଠୁଳେ ନମାନିବେ ।।
ମନ୍ତ୍ର ଜପ ଛାଡ଼ି କଷୁଥିବେ ଧନ ଅଙ୍କ ।
ଧନପାଇଁ ନିଶିଦିନ ହେଉଥିବେ ରଙ୍କ ।।
ମୁହଁରେ କହିବେ ଏକ କାମରେ ଆନେକ
କର୍ମଫଳ ଭୋଗ ପାଇଁ ନଥିବ ଆତଙ୍କ ।।'

'ଅନନ୍ତ ଗୋପାଳ ଆଶ୍ରମ', ଉଳଦିଆ ଠାରେ କ୍ଷିତିଜ୍ୟୋତିଃ ଶାନ୍ତିଯଜ୍ଞର ଅନୁଷ୍ଠାନ ସଂପର୍କରେ ମହାପୁରୁଷଙ୍କ ଲେଖନୀରୁ ସଂକେତଧର୍ମୀ ଭାଷାରେ ଝରି ପଡ଼ିଛି ପ୍ରଦତ୍ତ ପଦାବଳୀ :-

'ଯେଉଁ ମାସ ଅଧିପତି ସାକ୍ଷାତ ମଙ୍ଗଳ
ସେ ମାସରେ ଆରମ୍ଭିବ ଯଜ୍ଞ ସୁମଙ୍ଗଳ ॥
ଯେଉଁ ମାସ ଅଧିପତି ସ୍ୱୟଂ ବୃହସ୍ପତି
ସେ ମାସରେ ଯଜ୍ଞ କୁଣ୍ଡେ ହେବ ପୂର୍ଣ୍ଣାହୁତି ॥
ସଂଜରେ ସତ୍‌ସଙ୍ଗ ହେବ ଭଗତଙ୍କ ମେଳି
ପ୍ରଭୁ ଗୁଣ ଲୀଳା ତତ୍ତ୍ୱ ଗୁଣି ଭଳି ଭଳି ॥
**କେଉଁଠି ଭଗତି ଲୁଚି ପଶିଛି କନ୍ଦରେ**
**ଖୋଜି ନ ପାଇବେ କେହି ଭେଳିକି ଛନ୍ଦରେ ॥**
**ଅହଂକାର ତେଜୀୟାନ** ହୋଇ ଝଟକିବ
ଅହଂଜ୍ଞାନ ଅହଂବୁଦ୍ଧି ବଳେ ଅଟକିବ ॥
ବେଳ ଆସିଯିବ ରାମ ପାଶେ ଥିବୁତୁହି
ଚ଼କଚ଼କିଆରେ ବାବୁ ଯିବୁନାଇଁ ମୋହି ॥
ଦୀନହୀନ ଅକିଞ୍ଚନ ଖୋଜି ବାଛି ନେବୁ
ତା'ଠାରୁ ତୁ ଭଗତିର ପୀୟୁଷ ପାଇବୁ ॥
ସେ ବେଳରେ ଧର୍ମ ସଂକୁଚିତ ହୋଇଥିବ
ଅଧର୍ମ ପ୍ରବଳ ହୋଇ କାୟା ବିସ୍ତାରିବ ॥
ଧରମପୁତକୁ କେହି ଲୋଡ଼ିବେଟି ନାଇଁ
ଅଧରମ ଛତ୍ର ତଳେ ରୁଣ୍ଡ ହେବେ ଯାଇଁ ॥
ମିଛ ମାୟା ଛଳନାରେ ଭେଳିକି ଦେଖାଇ
ଉଚ୍ଚ ଆସନରେ ବସିଥିବେ ପୂଜା ପାଇ ॥
ତାଙ୍କ ପାଖ ନ ମାଡ଼ିବୁ ବାବୁ ରାମ ମୋ'ର
ନିଜ ଭାବ ରଖିଥିବୁ ସାଇତି ତୋ' ଠାର ॥
**ସେ ବେଳେ 'କେଶବ' ନାମ ଧରି ବିଷ୍ଣୁ ନିଜେ**
ଭଗତ ହୃଦରେ **ଲୀଳାମୟ ହୋଇ ବିଜେ** ॥
ଭଗତି ଭାବରେ ଯା'ର ହୃଦୟ ନିର୍ମଳ
ସେହି ଏକା କେଶବଙ୍କୁ ଧରିବ କୋଳର ॥

ତା' ସଙ୍ଗ ଲଭିଲେ ଜୀବ ମୁକତ ହୋଇବ
ତା'କୁ ଅବା କିଏ ଚିହ୍ନି ଖୋଜିଲେ ପାଇବ ॥
କେଶବ ତା' ପାଶେ ରହି ଲୀଳା କରୁଥବେ
ଆନେମତି ଥିବା ଜନେ କାହୁଁ ବା ପାଇବେ ॥

❋

**କ୍ଷିତିଜ୍ୟୋତିଃ ଶାନ୍ତିଯଜ୍ଞ ପୀଠ ଅନନ୍ତଗୋପାଳ ଆଶ୍ରମ, ଉଳଦିଆ** ର ଉତ୍ତର ଦିଗରେ ତ୍ରିବେଣୀଶ୍ୱର ନାଉକେଶରୀ ମହାଦେବ ଶଙ୍କର ଭଗବାନଙ୍କର ପ୍ରସିଦ୍ଧ ପୀଠ ଅବସ୍ଥିତ । ଦକ୍ଷିଣ ଦିଗରେ ସାଲେପୁରର ମା' ସାହେଶ୍ୱରୀ ଦେବୀ ଭଗବତୀଙ୍କର ପୀଠ ମନ୍ଦିର, ପଶ୍ଚିମ ଦିଗରେ ପ୍ରସିଦ୍ଧ ଗରୁଡ଼ ମଠ, କନକ ଦୁର୍ଗା ଦେବୀଙ୍କର ପୀଠ ଏବଂ ସନ୍ନିକଟରେ ବୃହତ୍ ସତୀଚଉରା ଚଉକି ବଟ ଓ ଭୀଷ୍ମକୁଣ୍ଡି ରହିଅଛି । ସେହିପରି ପୂର୍ବଦିଗରେ ଗଙ୍ଗେଶ୍ୱର ମହାଦେବଙ୍କର ଶିବ ମନ୍ଦିର ଏବଂ ମାଳିକା ପ୍ରସିଦ୍ଧ ପ୍ରବାଦୀୟ ଖଇରା ପୋଖରୀ ରହିଅଛି ।

ସ୍ୱର୍ଣ୍ଣକ୍ଷେତ୍ରାଧୀଶ ଶ୍ରୀଶ୍ରୀଗୁରୁସ୍ୱାମୀ ପ୍ରଭୁପାଦ ଠାକୁର କେଶବଚନ୍ଦ୍ରଙ୍କର ଇଚ୍ଛାମତେ ଓ ନିର୍ଦ୍ଦେଶ ଅନୁସାରେ ଏହି ଶାନ୍ତିଯଜ୍ଞ ଅନୁଷ୍ଠାନ ଅନନ୍ତଗୋପାଳ ଆଶ୍ରମର ବାବାଜୀ ପତିତପାବନ ଦାସ ଏବଂ ସ୍ୱର୍ଣ୍ଣକ୍ଷେତ୍ରର ଅଚ୍ୟୁତଗୁପ୍ତ ବ୍ରହ୍ମସଂଘ, କ୍ଷିତିଜ୍ୟୋତିଃ ଆଶ୍ରମ ଓ ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦର ମିଳିତ ସହଯୋଗ ଆନୁକୂଲ୍ୟରେ ମାଳିକା ମତାନୁଯାୟୀ ୨୦୧୧ ମସିହା ମଇମାସ ୧୩ ତାରିଖ ଠାରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ପାଞ୍ଚଦିନ ଅନୁଷ୍ଠିତ ହେଉଅଛି ।

ସ୍ଥାନ, କାଳ, ପାତ୍ର, ପରିବେଶ, ପରିସ୍ଥିତି ବୟସ ଇତ୍ୟାଦି ବିଚାର ଭେଦରେ ଜଣେ ମଣିଷର ସୁସ୍ଥ, ସୁନ୍ଦର, ନିରାଡ଼ମ୍ବର ଜୀବନ ଯାପନ ପାଇଁ ଯେତିକି ଯାହା ଆବଶ୍ୟକ, ତା'ଠାରୁ ଅଧିକ ଆଶା କରିବା, ମନର ଅଧୀନ ହୋଇ ସଂଗ୍ରହ କରିବା ଏବଂ ଇନ୍ଦ୍ରିୟାଧୀନ ହୋଇ ସଂଚୟ କରିବା ଦ୍ୱାରା ମଣିଷ ଦୁଃଖ ହିଁ ଦୁଃଖ କେବଳ ଭୋଗ କରେ, ଏଥିରେ ସନ୍ଦେହ ନାହିଁ । ଦୁଃଖ ଯନ୍ତ୍ରଣା ତା'ପାଇଁ ଅନିବାର୍ଯ୍ୟ ଓ ଭବିତବ୍ୟ ଅଟେ । ଅବଶ୍ୟ ଏହା ମଧ ଏକାନ୍ତ ସତ୍ୟ ଯେ, ଜଣେ ମଣିଷର ଜୀବନରେ

ଅନେକ ପଦାର୍ଥର ଆବଶ୍ୟକତା ନିଶ୍ଚୟ ରହିଅଛି । କିନ୍ତୁ ଯେତିକି ଯେଉଁ ପଦାର୍ଥ ନିତାନ୍ତ ଆବଶ୍ୟକ, କେବଳ ସେତିକି ସଂଗ୍ରହ କରିବା ଓ ତା'ର ଯଥାର୍ଥ ରକ୍ଷଣାବେକ୍ଷଣ ଓ ଯୁକ୍ତିଯୁକ୍ତ ବିନିଯୋଗ କରିବା ଦ୍ୱାରା ଜୀବନରେ ଭୋଗ କରିବାକୁ ଥିବା ଅନେକ ଦୁଃଖ ଯାତନା, ରୋଗ ଶୋକକୁ ମଣିଷ ଅକ୍ଳେଶରେ ଏଡ଼ାଇ ଦେଇ ପାରିବ । ଏହାହିଁ ବିଶ୍ୱ ପ୍ରକୃତିର ନିୟମ, ଏହାହିଁ ପରମପୁରୁଷର ନୀତି ଓ ଏହାଦ୍ୱାରା ଯୋଗଯୁକ୍ତ ଅଧ୍ୟାତ୍ମ ଜୀବନ ଲାଭ କରି ସୁଖ, ଶାନ୍ତି, ସନ୍ତୋଷ ଓ ଆନନ୍ଦରେ ଦୀର୍ଘ ନିରାମୟ ଜୀବନ ଯାପନ କରିବା ଅତୀବ ସହଜ । ସରଳ, ସୁନ୍ଦର ଜୀବନ ଲାଭର ଏହାହିଁ ଚାବିକାଠି । ମଣିଷ କାମ, ଲୋଭ, ମତ୍ସରର ବଶ୍ୟତା ସ୍ୱୀକାର କରି ଅଯଥାର୍ଥ ଭାବରେ ଗୁଡ଼ାଏ ଅନାବଶ୍ୟକ ସାମଗ୍ରୀ ଯୋଗାଡ଼ କରି ଅଯଥା ତାହାକୁ ସଂଚୟ କରି ଜଞ୍ଜାଳ ଓ ବିପଦକୁ ଆହ୍ୱାନ କରି ଆଣନ୍ତି । କିନ୍ତୁ ଯେଉଁମାନେ ପରମା ପ୍ରକୃତି ଓ ପରମ ପୁରୁଷଙ୍କ ନିର୍ଦ୍ଦିଷ୍ଟ ନୀତି, ନିୟମରେ ଜୀବନ ପରିଚାଳନା କରନ୍ତି, ସେମାନେ ପରମ ଆନନ୍ଦ ଲାଭ କରି ପ୍ରେମମୟ ଜୀବନ ଯାପନ କରନ୍ତି । ଏଭଳି ମଣିଷ, ସାଧାରଣ ମଣିଷ ନୁହନ୍ତି । ତାଙ୍କଠାରେ ପର୍ଯ୍ୟାପ୍ତ ଅସାଧାରଣ ତତ୍ତ୍ୱ ନିହିତ ଥାଏ । ସେମାନେ ମଣିଷ ସମାଜରେ ଅଗ୍ରଗଣ୍ୟ ଅଟନ୍ତି । ସେମାନେ ନିଃସ୍ୱାର୍ଥପର, ସତ୍ୟନିଷ୍ଠ, ତ୍ୟାଗୀ, ପରୋପକାରୀ ଓ ଭଗବଦ୍ ବିଶ୍ୱାସୀ ଅଟନ୍ତି । ସେମାନେ ସମଗ୍ର ମଣିଷ ଜାତିର ପରମବନ୍ଧୁ । ବୈରାଗୀ ସେମାନେ । ସେହି ପର୍ଯ୍ୟାୟର ଜଣେ ଉଜ୍ଜ୍ୱଳ ବ୍ୟକ୍ତିତ୍ୱ ହେଉଛନ୍ତି ଅନନ୍ତବାସୁଦେବ ବା ଅନନ୍ତଗୋପାଳ ଆଶ୍ରମର ବାବାଜୀ ବାବା ପତିତପାବନ ଦାସ ।

ଆସନ୍ତୁନା ଏବେ ସେହି ବାବା ପତିତପାବନ ଦାସଙ୍କର ସଂକ୍ଷିପ୍ତ ମହିମାମୟ ଜୀବନ ସଂପର୍କରେ କିଞ୍ଚିତ୍ ଜାଣିବା -

୧୯୫୧ ମସିହା ପବିତ୍ର ଶାମ୍ବଦଶମୀ ତିଥିର ପ୍ରାତଃ ପାଞ୍ଚଘଟିକା ତିରିଶ୍‌ମିନିଟ୍ ସମୟରେ ବାବା ପତିତପାବନ ଶିଶୁଟିଏ ହୋଇ ପ୍ରଥମେ ବସୁଧା କୋଳରେ ଶୋଇଥିଲେ । ସେ ଯେଉଁ ଗୃହରେ ଭୂମିଷ୍ଠ ହୋଇଥିଲେ, ତାହା ଏକ ସାଧାରଣ ନଡ଼ାଛପର ର ଘର । ମୂଷାମାଟିରେ ସେ ଘରର ଚଟଣାର ଅଧିକାଂଶ ଅଂଶ ପୂର୍ଣ୍ଣ ହୋଇଥିଲା । ବାବା ଶିଶୁଟିଏ ହୋଇ ସେହି ମୂଷାମାଟିରେ ଜନ୍ମ ଗ୍ରହଣ କରିଥିଲେ ।

ଶିଶୁ ପତିତପାବନଙ୍କର ପତାଙ୍କର ନାମ କୃଷ୍ଣଚନ୍ଦ୍ର ଦାସ ଓ ତାଙ୍କ ମାତାଙ୍କ ନାମ ମଲ୍ଲୀ ଦାସ । ଶିଶୁ ପୁତ୍ରକୁ କୋଳରେ ପାଇବା ପରେ ଥରେ ମାତା ମଲ୍ଲୀଦାସ ତାଙ୍କୁ ଗଙ୍ଗେଶ୍ୱର ମହାଦେବଙ୍କ ନିକଟରେ ପାଟୁଆ କରିବା ପାଇଁ ମାନସିକ କରିଥିଲେ । କିନ୍ତୁ ପୁତ୍ର ଦିନକୁ ଦିନ ବଡ଼ ହେବାକୁ ଲାଗିବା ସହିତ ମାତାଙ୍କର ପୁତ୍ର ମୋହ ଅଧିକରୁ ଅଧିକ ହେବାକୁ ଲାଗିଲା । ତେଣୁ ସେ ଗଙ୍ଗେଶ୍ୱର ମହାଦେବଙ୍କୁ ପୂଜାର୍ଚ୍ଚନା କରି, କ୍ଷମାମାଗି ପୁତ୍ରକୁ ଘରକୁ ଫେରାଇ ଆଣିଥିଲେ ।

ପୁତ୍ର ପତିତପାବନଙ୍କର ବୟସ ପାଞ୍ଚବର୍ଷ ହେବାପରେ ତାଙ୍କର ନାମ ଚାଟଶାଳୀରେ ଲେଖାଯାଇଥିଲା । ତାହା ୧୯୫୬/୫୭ ମସିହାର ଘଟଣା । ଚାଟ ପତିତପାବନ ଚାଟଶାଳୀରେ ଲେଖା ପଢ଼ାରେ ମନଦେଲେ । ପାଠ ପଢ଼ିଲେ । ଶାଠ ଶିଖିଲେ । ହେଲେ ବିଧିର ବିଧାନ ଥିଲା ଅନ୍ୟପ୍ରକାର । ତେଣୁ ସେ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଲାଭ କରିବା ଉତ୍ତାରୁ ବିଦ୍ୟାଳୟ ତ୍ୟାଗ କରିଥିଲେ । ବହି ବସ୍ତାନିରେ ଡ଼ୋର ବନ୍ଧାହୋଇଗଲା । ତାହା ଆଉ ଦ୍ୱିତୀୟ ବାର ଫିଟିନଥିଲା ।

ଦଶ ବର୍ଷ ବୟସରୁ କିଶୋର ପତିତପାବନ ଅନେକ ମଠ ମନ୍ଦିରକୁ ଭ୍ରମଣ କରିବା ଉଦ୍ଦେଶ୍ୟ ନେଇ ଯାଉଥିଲେ । ଅନେକ ସମୟରେ ମଠ ମନ୍ଦିରର ଆଧାତ୍ମିକ ପରିବେଶର ଆକର୍ଷଣ ହେତୁ ସେ ସେସବୁ ମଠମନ୍ଦିରରେ ଅନେକ ସମୟରେ ରହି ଯାଉଥିଲେ । ପିତା କୃଷ୍ଣଦାସ ତାଙ୍କର ରହଣିସ୍ଥାନ ସ୍ଥାନୀୟ ଲୋକଙ୍କ ମୁଖରୁ ଶୁଣିବା ପରେ ନିଜେ ଯାଇ ତାଙ୍କୁ ପୁଣି ଗୃହକୁ ଫେରାଇ ଆଣୁଥିଲେ । ପୁଣି ସୁବିଧା ସୁଯୋଗ ଦେଖି ପତିତପାବନ ଗୃହତ୍ୟାଗୀ ହୋଇ ମଠ ନହେଲେ ମନ୍ଦିରକୁ ଚାଲି ଯାଉଥିଲେ । ପୁତ୍ରର ଏପରି ଆଚରଣ ଦେଖି ପିତାମାତା ଅନ୍ୟ ଉପାୟ ନଦେଖି ପୁଅକୁ ବୁଝାଇଶୁଝାଇ ଏକୋଇଶ ବର୍ଷ ବୟସରେ ତାଙ୍କୁ ବିବାହବନ୍ଧନରେ ଆବଦ୍ଧ କରିଦେଲେ । ସେମାନେ ଆଶା କରିଥିଲେ, ବିଶ୍ୱାସ ବି କରିଥିଲେ ଯେ, ପୁଅ ବାହାଚୂଡ଼ା ହେବାପରେ ଘରେ ମନଦେବ । କିନ୍ତୁ ନବଯୁବକ ପତିତପାବନ ବିବାହର ଚାରିପାଞ୍ଚବର୍ଷ ପରେ ମଠ ଓ ମନ୍ଦିରର ପବିତ୍ର ପରିବେଶର ଆକର୍ଷଣରେ ଆକୃଷ୍ଟ ହୋଇ ପୁନର୍ବାର ମଠମନ୍ଦିର ଭ୍ରମଣରେ ବାରମ୍ବାର ଘର ଛାଡ଼ି ଯିବାକୁ ଆରମ୍ଭ କଲେ । ବିବାହବନ୍ଧନ କିମ୍ବା ଯୁବତୀ ପତ୍ନୀର ଆକର୍ଷଣରେ ସେ ମୋହିତ

ହେଉନଥିଲେ । ପ୍ରକୃତରେ ସଂସାର ପ୍ରତି ତାଙ୍କର ମନପ୍ରାଣ ହୃଦୟରେ ଗାଢ଼ ବୈରାଗ୍ୟ ଜାତ ହୋଇଥିଲା । 'ଏ ମନ ଖୋଜୁଥାଏ ଯାହା । କାଳେ ପ୍ରାପତ ହୁଏ ତାହା ।' ସ୍ୱାମୀଙ୍କର ଗୃହତ୍ୟାଗୀ ମନୋଭାବରେ ବିବ୍ରତ ଓ ବିଚଳିତ ହୋଇ ତାଙ୍କର ଧର୍ମପତ୍ନୀ ତାଙ୍କୁ ଛାଡ଼ି ଚାଲିଯାଇଥିଲେ । ବୃଦ୍ଧ ପିତା ଓ ବୃଦ୍ଧା ମାତା ଅନନ୍ୟୋପାୟ ହୋଇ ଭାଗ୍ୟକୁ ଆଦରି ଯେନତେନ ପ୍ରକାରେଣ ଜୀବନ ଯାପନ କରିବାକୁ ବାଧ ହୋଇଥିଲେ ।

ଏବେ ପତିତପାବନଙ୍କ ଜୀବନରେ ଗୋଟିଏ ନୂତନ ଅଧ୍ୟାୟର ଉନ୍ମୋଚନ ହେଲା । 'ମଲୁ ଖୋଜୁଥିଲା ପଇଡ଼ ପାଣି । ବଇଦ ବୋଇଲା ଦେ ତୋରାଣି ।' ଏହି ସମୟ ପର୍ଯ୍ୟାୟରେ ପତିତପାବନ ବିଭିନ୍ନ ତୀର୍ଥସ୍ଥାନ ଓ ଦେବଦେବୀ ପୀଠ ଭ୍ରମଣ କରିଥିଲେ ଓ ସେ ସକଳ ସ୍ଥାନରେ ରହି ଦୀର୍ଘ ବର୍ଷ ବର୍ଷ ଧରି ଧ୍ୟାନ ତପସ୍ୟା ରତ ଥିଲେ । ସେ ସବୁ ସ୍ଥାନ ମଧ୍ୟରେ ଓଲାଶୁଣି, ଛତିଆବଟ, ନେମାଳବଟ, ଜଳୌକା ଓ ମାହାଙ୍ଗାର ମଲ୍ଲୀପୁରା ଅନ୍ୟତମ । ଏହି ପର୍ଯ୍ୟାୟ ଭୋଗ ଅନ୍ତେ ପତିତପାବନଙ୍କ ଜୀବନର ଅନ୍ୟ ଏକ ପର୍ଯ୍ୟାୟର ଶୁଭ ଅୟମାରମ୍ଭ ହେଲା ।

ବିଭିନ୍ନ ପୀଠ ଭ୍ରମଣାନ୍ତେ ସେ ଉଲଦିଆ ଗ୍ରାମରେ ଗୋଟିଏ ସୁଉଚ୍ଚ ଉଇହୁଙ୍କା ସନ୍ନିକଟରେ କୁଡ଼ିଆଟିଏ ନିର୍ମାଣ କରି ରହିଲେ ଓ ତା' ସହିତ ଅନନ୍ତବାସୁଦେବ (ଅନନ୍ତଗୋପାଳ)ଙ୍କୁ ନିଷ୍ଠାର ସହିତ ସେବାପୂଜା କରି ନିଷ୍ଠାପର ଜୀବନ ଯାପନ କରିବାକୁ ଲାଗିଲେ । ତାହା ସେ ଏପର୍ଯ୍ୟନ୍ତ ଗଭୀର ବିଶ୍ୱାସ, ପ୍ରଗାଢ଼ ନିଷ୍ଠା ଓ ତ୍ୟାଗପୂତ ସେବାବ୍ରତର ସହିତ କରି ଆସୁଅଛନ୍ତି ।

କହିବା ବାହୁଲ୍ୟ ହେବ ନାହିଁ ଯେ, ସେ ଶୈଶବ ଓ ବାଲ୍ୟାବସ୍ଥାରେ ମାତ୍ର ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ପାଇଥିଲେ ମଧ ସ୍ୱଳ୍ପଶିକ୍ଷା ତାଙ୍କୁ ଅଶିକ୍ଷିତ ବା ଅର୍ଦ୍ଧଶିକ୍ଷିତ କରି ଛାଡ଼ି ନାହିଁ । ବାବା ପତିତପାବନ ଦାସ ମହୋଦୟ ମାଳିକା, ଗୀତା, ଭାଗବତ, ରାମାୟଣ, ମହାଭାରତ ଆଦି ଶାସ୍ତ୍ର, ଗ୍ରନ୍ଥ, ପୋଥି, ପୁରାଣ ମାନ ଅନର୍ଗଳ ବୋଲି ପାରୁଛନ୍ତି । ତାଙ୍କ ନିଜ ଭାଷାରେ ସେ କହନ୍ତି - 'ମୋ' ପାଖରେ ଯେତେ ଗୀତ ଅଛି ତା'କୁ ସବୁ ସାତଦିନ ସାତରାତି ଗାଇଲେ ବି ଶେଷ ହେବ ନାହିଁ । ଏହା ବାବାଙ୍କର ଅନେକ ଅଲୌକିକ ଶକ୍ତି ମଧ୍ୟରୁ ଏକତମ ଅଟେ ।

ବାବାଙ୍କର ଗୋଟିଏ ବିଶେଷଗୁଣ ହେଉଛି, ସେ କେବେହେଲେ କାହାକୁ କିଛି ବି ମାଗନ୍ତି ନାହିଁ । ଯିଏ ଯାହା ତାଙ୍କୁ ଶ୍ରଦ୍ଧାର ସହିତ ଦିଏ, ସେ ତାହାକୁ ପରମ ସନ୍ତୋଷରେ ଭୋଜନ କରି ଦିବ୍ୟ ଆନନ୍ଦ ଲାଭ କରନ୍ତି । ଭକ୍ତମାନଙ୍କର ଅଯାଚିତ ଦାନରେ ସେ ଜୀବନ ନିର୍ବାହ କରନ୍ତି ପରମ ସୁଖରେ, ଶାନ୍ତିରେ ଓ ସନ୍ତୋଷରେ ।

ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କର ଜୀବନରେ କିଛି ଗୋଟିଏ ଲକ୍ଷ୍ୟ ଅବଶ୍ୟ ଥାଏ । ସେହିପରି ବାବା ପତିତପାବନ ଦାସଙ୍କର ଅନ୍ତିମ ଇଚ୍ଛା ଓ ଲକ୍ଷ୍ୟ ହେଉଛି ପରମମଙ୍ଗଳମୟ ଭଗବାନଙ୍କୁ ସ୍ଥୂଳରୂପରେ ଦର୍ଶନ କରିବା ଓ ଭଗବତ୍ ପ୍ରାପ୍ତି ଲାଭ କରିବା । ତାଙ୍କର ଆକାଂକ୍ଷା ଓ ଅଭିଳାଷ ହେଉଛି ତାଙ୍କର ଦେହାନ୍ତ ପରେ ତାଙ୍କର ବର୍ତ୍ତମାନ ବାସସ୍ଥଳରେ ଗୋଟିଏ ପବିତ୍ରକ୍ଷେତ୍ର ଗଢ଼ି ଉଠିବା । ଆମର ଦୃଢ଼ ବିଶ୍ୱାସ ସର୍ବାନ୍ତର୍ଯ୍ୟାମୀ ଭଗବାନ ଭକ୍ତର ଏହି ଶୁଭଇଚ୍ଛା ଅବଶ୍ୟ ପୂର୍ଣ୍ଣ କରିବେ ହିଁ କରିବେ । ତାହାର ଅଗ୍ରବାର୍ତ୍ତା ଜଣାଯାଏ ଏହି 'କ୍ଷିତିଜ୍ୟୋତିଃ ଶାନ୍ତି ଯଜ୍ଞ' ଅନୁଷ୍ଠାନରୁ । ପ୍ରତିବର୍ଷ ଏହି ସମୟରେ ଏହି ଯଜ୍ଞର ସ୍ମାରକୀ ଉତ୍ସବ ନିଶ୍ଚୟ ଏଠାରେ ପାଳନ କରାଯିବ ଓ ଭକ୍ତ ଅନୁଗତଙ୍କର ମେଳା 'ସତ୍‌ସଙ୍ଗ' ଅବଶ୍ୟ ଅନୁଷ୍ଠିତ ହେବ । ଏହା କୃତନିଶ୍ଚୟ ନିଷ୍କର୍ଷ ଓ ସିଦ୍ଧାନ୍ତ ।

ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଅହଂକାର, ଛଳକପଟ ଶୂନ୍ୟ ନିର୍ମଳମନ ଓ ପବିତ୍ର ହୃଦୟରେ ଶରଣାଗତ ହୋଇ ଚ଼ରଣାଶ୍ରିତ ହେଲେ ଭକ୍ତଜନ ଅଶେଷ ବିଭୁକୃପା ଲାଭ କରିବା ସହିତ ଚ଼ରମପୁରୁଷଙ୍କର ଅସୀମ କରୁଣା ଓ ଅନନ୍ତ କଲ୍ୟାଣ ଅବଶ୍ୟ ପ୍ରାପ୍ତ ହେବେ । କଳିକାଳର କରାଳ କବଳରୁ ରକ୍ଷାପାଇ ସପରିବାର ସୁଖ ଶାନ୍ତି ସନ୍ତୋଷ ଓ ଆନନ୍ଦରେ ଦୀର୍ଘ ନିରାମୟ ଜୀବନ ଲାଭ ପାଇଁ ଯଜ୍ଞାନୁଷ୍ଠାନରେ ସାମର୍ଥ୍ୟ ଅନୁଯାୟୀ ସାହାଯ୍ୟ ସହଯୋଗ ଓ ସହାନୁଭୂତି କାୟୋମନୋବାକ୍ୟରେ ଦେବାପାଇଁ ଆମର ବିନମ୍ର ଅନୁରୋଧ ।

ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ ।

ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବା ବଶିଷ୍ୟତେ ॥

ଦ୍ୟୌଃ ଶାନ୍ତିଃ ! ଅନ୍ତରୀକ୍ଷଂ ଶାନ୍ତିଃ ! ପୃଥିବୀ ଶାନ୍ତିଃ ! ଆପଃ ଶାନ୍ତିଃ !

ଓଷଧୟଃ ଶାନ୍ତିଃ ! ବନସ୍ପତୟଃ ଶାନ୍ତିଃ ! ବିଶ୍ୱଦେବାଃ ଶାନ୍ତିଃ !

**ବ୍ରହ୍ମ ଶାନ୍ତିଃ ! ସର୍ବଂ ଶାନ୍ତିଃ ! ଶାନ୍ତିରେବ ଶାନ୍ତିଃ !**

ସା ମା ଶାନ୍ତିରେଧି !!

ଓଁ ଶାନ୍ତିଃ ! ଓଁ ଶାନ୍ତିଃ ! ଓଁ ଶାନ୍ତିଃ !

ତା ୧୪.୫.୨୦୧୧ ରିଖ
**ଶନିବାର,**
ସଂଧ୍ୟା ଅଧିବେଶନ ॥
ଅନନ୍ତ ଗୋପାଳ ଆଶ୍ରମ
ଉଲଦିଅ ॥

ଶ୍ରୀ କେଶବାର୍ପଣମସ୍ତୁ
**କ୍ଷିତିଜ୍ୟୋତିଃ ଆଶ୍ରମ,**
ଅଚ୍ୟୁତଗୁପ୍ତ ବ୍ରହ୍ମ ସଂଘ,
ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି:କଟକ, ଓଡ଼ିଶା ॥

ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି

ଭକ୍ତି ପ୍ରେମାଞ୍ଜଳି : ପାଞ୍ଚ ମୁଦ୍ରାଞ୍ଜଳି